**D.A.V. PUBLIC SCHOOL, POKHARIPUT, BBSR**
**PERIODIC ASSESSMENT : III (2020-2021)**
**CLASS –VIII**
**SUBJECT – LOWER ODIA**

**TIME – 90 Minutes** **Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**
ପ୍ରଶ୍ନପତ୍ରରେ 'କ' ,'ଖ' ଓ 'ଗ'ନାମରେ ତିନୋଟି ବିଭାଗ ଅଛି ।
ଏହି ପ୍ରଶ୍ନପତ୍ରରେ ସର୍ବମୋଟ ୪୦ଟି ପ୍ରଶ୍ନ ଅଛି ।
ପ୍ରତ୍ୟେକ ପ୍ରଶ୍ନର୪ଟି (କ) (ଖ) (ଗ) (ଘ) ବହୁବୈକଳ୍ପିକ ଉତ୍ତର ପ୍ରଦାନ କରାଯାଇଛି ।
ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରୁ ଚିହ୍ନଟ କର ।
ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ।

## "କ" ବିଭାଗ

**ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନ ୧-୫ ପର୍ଯ୍ୟନ୍ତ ଉତ୍ତର ଦିଅ ।**

ଜୀବନ ସଂଗ୍ରାମରେ ବିଜୟୀ ହେବାକୁ ହେଲେ ମନୁଷ୍ୟକୁ ନିରନ୍ତର ଚେଷ୍ଟା କରିବାକୁ ହେବ । ଉଦ୍ଦେଶ୍ୟ ଚରିତାର୍ଥ କରିବା ଯେପରି କଷ୍ଟଦାୟକ, ସେହିପରି ତାକୁ ପରିତ୍ୟାଗ କରିବା ମଧ୍ୟ ଉଚିତ ନୁହେଁ । ଏଥିପାଇଁ ସାହସ ଓ ବିଜୟଲାଭର ଅଦମ୍ୟ ଅଭିଳାଷ ଦରକାର । ପରାଜୟକୁ ସ୍ୱୀକାର କରିନେବା ଅପେକ୍ଷା ମୃତ୍ୟୁକୁ ବରଂ ବରଣ କରିନେବା ବାଞ୍ଛନୀୟ । ସକଳ ପ୍ରକାରର ପରାଜୟର ଗ୍ଲାନି ସତ୍ତ୍ୱେ ଆମକୁ ବିଶ୍ୱାସ ରଖିବାକୁ ହେବ ଯେ ଦିନେ ଆମେ ବିଜୟୀ ହେବା । ଇତିହାସରେ ଏହାର ବହୁ ଦୃଷ୍ଟାନ୍ତ ରହିଛି । ସ୍କଟ୍‌ଲାଣ୍ଡର ଜଣେ ପରାଜିତ ରାଜା ବୁଢ଼ୀଆଣିଠାରୁ ଶିକ୍ଷାଲାଭ କରି ପୁନର୍ବାର ଯୁଦ୍ଧ କରିଛନ୍ତି ଏବଂ ବିଜୟୀ ହୋଇଛନ୍ତି । ମଣିଷକୁ ବଞ୍ଚିବାକୁ ହୁଏ ତା'ର ଆଦର୍ଶ ଓ ଉଦ୍ଦେଶ୍ୟକୁ ନେଇ । ଉଦ୍ଦେଶ୍ୟ ମହତ୍ ହେଲେ ବିଜୟ ନିଶ୍ଚିତ । ଦିନେ ନା ଦିନେ ସତ୍ୟର ବିଜୟ ହୋଇଥାଏ । ପାଣ୍ଡବମାନେ ପରାଜୟର ଗ୍ଲାନିରେ ଭାଙ୍ଗିଯାଇ ନାହାନ୍ତି । ଜୀବନରେ ସକଳ ଯନ୍ତ୍ରଣାକୁ ବରଣ କରିନେଇଛନ୍ତି ଓ ଶେଷରେ ସେମାନେ ବିଜୟୀ ହୋଇଛନ୍ତି । ପରାଜୟ ମଧ୍ୟରେ ବି ଜ୍ୟୋତି ଫୁଟିଉଠେ ; ମୃତ୍ୟୁ ମଧ୍ୟରେ ବି ବୀରତ୍ୱର ଭାବ ପ୍ରକାଶ ପାଏ । ଭାରତ ଇତିହାସରେ ରାଣାପ୍ରତାପ ପରାଜୟର ଘୋର ଦୁର୍ଦ୍ଦଶା ଭିତରେ ମଧ୍ୟ ଦୀପ୍ତିମାନ୍ ହୋଇ ରହିଛନ୍ତି । ପରାଜୟରେ ମଧ୍ୟ ରାଜା ପୁରୁଙ୍କର ବ୍ୟକ୍ତିତ୍ୱ ଫୁଟିଉଠିଛି । ବହୁ ଦୁଃଖ କଷ୍ଟରେ ଭାରତୀୟ ମୁକ୍ତିସଂଗ୍ରାମ ସାର୍ଥକ ହୋଇଛି ।

୧ . ପରାଜୟକୁ ସ୍ୱୀକାର କରିନେବା ଅପେକ୍ଷା କାହାକୁ ବରଂ ବରଣ କରିନେବା ବାଞ୍ଛନୀୟ ?

(କ) ଜୀବନ

(ଖ) ମୃତ୍ୟୁ

(ଗ) ପ୍ରାଣ

(ଘ) ଶରୀର

୨ . ସକଳ ପ୍ରକାର ପରାଜୟର ଗ୍ଲାନି ସତ୍ତ୍ୱେ ଆମକୁ କାହା ଉପରେ ବିଶ୍ୱାସ ରଖିବାକୁ ହେବ ?

(କ) କେବେବି ଆମେ ବିଜୟୀ ହେବା ନାହିଁ

(ଖ) ବିଜୟୀ ହୋଇ ଦୁଃଖ ପ୍ରକାଶ କରିବା

(ଗ) ସବୁବେଳେ ପରାଜୟ ବରଣ କରିବା

(ଘ) ଦିନେ ଆମେ ବିଜୟୀ ହେବା

୩.କେଉଁଠିକାର ଜଣେ ପରାଜିତ ରାଜା ବୁଢ଼ିଆଣୀଠାରୁ ଶିକ୍ଷା ଲାଭ କରିଥିଲେ?

(କ) ଗ୍ରୀନ୍ ଲାଣ୍ଡ

(ଖ) ସ୍କଟ୍‌ଲାଣ୍ଡ

(ଗ) ନେଦରଲାଣ୍ଡ

(ଘ) ସୁଇଜରଲାଣ୍ଡ

୪. ମଣିଷ କାହାକୁ ନେଇ ବଞ୍ଚିଥାଏ ?

(କ) ପଦବୀ

(ଖ) ରୋଜଗାର

(ଗ) ଆଦର୍ଶ ଓ ଉଦ୍ଦେଶ୍ୟ

(ଘ) ଅନାଦର୍ଶ

୫.ଭାରତ ଇତିହାସରେ ପରାଜୟ ସତ୍ତ୍ୱେ କିଏ ଦୀପ୍ତିମାନ ହୋଇ ରହିଛନ୍ତି?

(କ) ରାଣାପ୍ରତାପ

(ଖ) ଶିବାଜୀ

(ଗ) ଆଲେକ୍‌ଜାଣ୍ଡାର

(ଘ) ଅଶୋକ

୬. 'ଡାହା' ର ଅର୍ଥ ବୁଝାଉଥିବା ଶବ୍ଦଟି କିଏ ?

(କ) ଦେହ

(ଖ) ଦାହ

(ଗ) ଦହି

(ଘ) କ୍ଷୀର

୭. 'ପ୍ରବାସ' ର ଅର୍ଥ ବୁଝାଉଥିବା ଶବ୍ଦଟି କିଏ ?

(କ) ଦେଶ

(ଖ) ବିଦେଶ

(ଗ) ରାଜ୍ୟ

(ଘ) ବିଶ୍ୱ

୮. ‘ଝଲି’ ଶବ୍ଦର ଅର୍ଥ କ’ଣ?

(କ) ଅନ୍ଧାର

(ଖ) ଆଲୁଅ

(ଗ) ଦିବାଲୋକ

(ଘ) ଝଲସି ଉଠିବା

୯. ‘ଜ୍ଞାନୀ’ କାହାର ବିପରୀତ ଶବ୍ଦ?

(କ) ଅଜ୍ଞାନୀ

(ଖ) ଅଜ୍ଞାନ

(ଗ) ଜ୍ଞାନ

(ଘ) ବିଜ୍ଞ

୧୦. ‘ଶେଷ’ ର ବିପରୀତ ଶବ୍ଦ କ’ଣ ହେବ ?

(କ) ଅବଶେଷ

(ଖ) ଅବଶୋଷ

(ଗ) ଆରମ୍ଭ

(ଘ) ଅନ୍ତ

୧୧. ‘ପାପ’ ର ବିପରୀତ ଶବ୍ଦ କ’ଣ ହେବ ?

(କ) ପାପୀ

(ଖ) ପୁଣ୍ୟ

(ଗ) ପୂର୍ଣ୍ଣ

(ଘ) ପୂଣ୍ୟ

୧୨. ‘ପିତା’ ର ଲିଙ୍ଗପରିବର୍ତ୍ତନ କଲେ କ’ଣ ହେବ?

(କ) ପିତୃ

(ଖ) ଜନକ

(ଗ)ମାତା

(ଘ) ମାତୃ

୧୩. ‘ଶିଷ୍ୟ’ ର ଲିଙ୍ଗପରିବର୍ତ୍ତନ କଲେ କ’ଣ ହେବ?

(କ) ଶିସ୍ୟା

(ଖ) ଛାତ୍ରୀ

(ଗ)ଗୁରୁ

(ଘ) ଶିଷ୍ୟା

୧୪. ‘ଜନକ’ ର ଲିଙ୍ଗପରିବର୍ତ୍ତନ କଲେ କ’ଣ ହେବ?

(କ) ଜାୟା

(ଖ) ଯନନୀ

(ଗ)ଜନନୀ

(ଘ) ଜାନକୀ

୧୫. 'ରକତ' ର ଗଦ୍ୟରୂପ କ'ଣ ହେବ?

(କ) ରିକ୍ତ

(ଖ) ରକ୍ତ

(ଗ) ରତ

(ଘ) ରୁକ୍ତ

୧୬. 'ମରତ' ର ଗଦ୍ୟରୂପ କ'ଣ ହେବ ?

(କ) ମର୍ତ୍ତ

(ଖ) ମର୍ତ୍ତ୍ୟ

(ଗ) ମୃତ

(ଘ) ମାର୍ତ୍ତ୍ୟ

୧୭. 'ପରାଣ' ର ଗଦ୍ୟରୂପ କ'ଣ ହେବ ?

(କ) ପ୍ରାଣ

(ଖ) ପ୍ରେରଣ

(ଗ) ପାଣ

(ଘ) ପ୍ରାଣୀ

୧୮. ନିଜର କୃତି ପାଇଁ କବି ସଚ୍ଚିଦାନନ୍ଦ ରାଉତରାୟ କେଉଁ ପୁରସ୍କାର ଲାଭ କରିଛନ୍ତି ?

(କ) ସାରଳା

(ଖ) ଜ୍ଞାନପୀଠ

(ଗ) ମୂର୍ତ୍ତିଦେବୀ

(ଘ) ବିଷୁବ

୧୯. ନିମ୍ନୋକ୍ତ କୃତିଗୁଡ଼ିକ ମଧ୍ୟରୁ କେଉଁଟି କବି ସଚ୍ଚିଦାନନ୍ଦ ରାଉତରାୟଙ୍କର ଗଳ୍ପ ପୁସ୍ତକ ?

(କ) ମଶାଣିର ଫୁଲ

(ଖ) ଚିତ୍ରଗ୍ରୀବ

(ଗ) ପଲ୍ଲୀଶ୍ରୀ

(ଘ) ବାଜିରାଉତ

୨୦. ଶିଶୁ ଜନ୍ମ ହେବାର କେତେ ଦିନରେ ଷଠୀ ଦେବୀଙ୍କୁ ପୂଜା କରାଯାଏ ?

(କ) ଚାରି

(ଖ) ପାଞ୍ଚ

(ଗ) ଛଅ

(ଘ) ଏକୋଇଶି

୨୧. ଯେଉଁ କୋଠରୀରେ ଶିଶୁ ଜନ୍ମ ହେବା ପାଇଁ ବ୍ୟବସ୍ଥା କରାଯାଏ ତାକୁ କ'ଣ କୁହାଯାଏ ?

(କ) ହାଣ୍ଡିଶାଳ

(ଖ) କମାରଶାଳ

(ଗ) ଢିଙ୍କିଶାଳ

(ଘ) ଏନ୍ତୁଡ଼ିଶାଳ

୨୨.ଗାଁର ବାୟୁ କବିଙ୍କ ନିଃଶ୍ୱାସ ପ୍ରଶ୍ୱାସରେ କ'ଣ ଚଳାଇଥାଏ ?

(କ) ପ୍ରାଣନାହା

(ଖ) ଜୀବନରାହା

(ଗ) ନାଉରିବାହା

(ଘ) ଦେବତା ସାହା

୨୩. ଗାଁର ଜଳ କବିଙ୍କ ଶିରାରେ କାହା ପରି ବହିଯାଏ ?

(କ) ସମୁଦ୍ର

(ଖ) ପୋଖରୀ

(ଗ) ନଈ

(ଘ) ନାଳ

୨୪. କେଉଁ ସମୟରେ ଗାଁରେ ମଧୁର ଗାନ ଶୁଣିବାକୁ ମିଳେ ?

(କ) ଆଖୁକାଟିବା

(ଖ) ଧାନରୋଇବା

(ଗ) ଫସଲଲଗା

(ଘ) ଫସଲକଟା

୨୫. ଗାଈଗୋଠରେ କେଉଁ ସ୍ୱନ ଶୁଣିବାକୁ ମିଳେ ?

(କ) ତୁରୀ

(ଖ) ଭେରୀ

(ଗ) ପେଁକାଳି

(ଘ) ମୁରଲୀ

୨୬.କବି କେତୋଟି ପଞ୍ଜରା କାଠି କଥା କହିଛନ୍ତି ?

(କ) ତିନି

(ଖ) ଚାରି

(ଗ)  ପାଞ୍ଚ

(ଘ)  ଛଅ

୨୭. କେଉଁ ପୋଥିପତ୍ରରେ ନିଜ ଗାଆଁର ନାଆଁ ନଥିବା କଥା କବି କହିଛନ୍ତି ?

(କ)  ଇତିହାସ

(ଖ)  ଭୂଗୋଳ

(ଗ)  ଅର୍ଥନୀତି

(ଘ)  ସାହିତ୍ୟ

୨୮. ପ୍ରାବନ୍ଧିକ ଚିନ୍ତାମଣି ବେହେରା କେଉଁ ପତ୍ରିକାର ସମ୍ପାଦକ ଥିଲେ?

(କ)  ନନ୍ଦନକାନନ

(ଖ)  ଜହ୍ନମାମୁ

(ଗ)  ଶିଶୁଲେଖା

(ଘ)  ଶିଶୁସଂସାର

୨୯.ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରାବନ୍ଧିକ ଚିନ୍ତାମଣି ବେହେରାଙ୍କ କୃତି ନୁହେଁ  ?

(କ)  କାବ୍ୟ ଓ କଳାକାର

(ଖ)  ବିଦଗ୍ଧ ପାଠକ

(ଗ)  କଳାଦୃଷ୍ଟି

(ଘ)  ସାହିତ୍ୟ କୁସୁମ

୩୦.  ମହର୍ଷି ବାଜଶ୍ରବା କେଉଁ ଯଜ୍ଞର ଆୟୋଜନ କରିଥିଲେ?

(କ)  ବିଶ୍ୱଜୟୀ

(ଖ)  ବିଶ୍ୱଜିତ୍

(ଗ)  ଅଶ୍ୱମେଧ

(ଘ)  ରାଜସୂୟ

୩୧. ପୁରାଣ, ଶାସ୍ତ୍ର ଓ ଧର୍ମ ବିଶ୍ୱାସ ଅନୁଯାୟୀ କିଏ ମୃତ୍ୟୁର ଦେବତା?

(କ)  ଯମ

(ଖ)  କୁବେର

(ଗ)  ବିଷ୍ଣୁ

(ଘ)  ବ୍ରହ୍ମା

୩୨. ଯମପୁରର ରୁଦ୍ଧଦ୍ୱାର ନିକଟରେ ନଚିକେତା କେତେ ଦିନ ଉପବାସ ରହିଥିଲେ ?

(କ)  ଦୁଇ

(ଖ) ତିନି

(ଗ)  ଚାରି

(ଘ)  ପାଞ୍ଚ

୩୩. କେଉଁ ବରରେ ନଚିକେତା ଯମରାଜଙ୍କୁ ମୃତ୍ୟୁଜୟୀ ଆତ୍ମଜ୍ଞାନର ପ୍ରାର୍ଥନା କରିଥିଲେ ?

(କ)  ପ୍ରଥମ

(ଖ) ଦ୍ୱିତୀୟ

(ଗ)  ତୃତୀୟ

(ଘ)  ଚତୁର୍ଥ

୩୪.ନଚିକେତା ଯମରାଜଙ୍କଦ୍ୱାରା ହୋଇଥିବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ତାଙ୍କ ଗଳାରେ କ'ଣ ପିନ୍ଧାଇଦେଲେ ?

(କ)  ରୁଦ୍ରାକ୍ଷମାଳା

(ଖ)  ସୁନାଚେନ୍

(ଗ)  ରତ୍ନମାଳା

(ଘ)  ଫୁଲମାଳା

୩୫.ବାପାଙ୍କର କେଉଁକଥା ଦେଖି ନଚିକେତା ବିସ୍ମିତ ହେଲେ ?

(କ)  ପୂଣ୍ୟଦାନ

(ଖ)  ରୁଗ୍‌ଣ ଗୋଦାନ

(ଗ)  ସ୍ୱର୍ଣ୍ଣଦାନ

(ଘ)  ଭୂଦାନ

୩୬. ବାଜଶ୍ରବା କରୁଥିବା ଯଜ୍ଞର ନିୟମ କ'ଣ ଥିଲା?

(କ)  ବ୍ରାହ୍ମଣଙ୍କୁ ସନ୍ତୁଷ୍ଟ କରିବା

(ଖ)  ନିଜର ସର୍ବସ୍ୱ ଦାନ କରିବା

(ଗ)  ଋଷିଙ୍କୁ ଗୋ ଦାନ

(ଘ)  ଅଭ୍ୟାଗତଙ୍କୁ ଭୂମି ଦାନ

୩୭. ସଂସାରବାସୀଙ୍କ ଦୁଃଖଦୁର୍ଦ୍ଦଶା ଦୂର ନିମନ୍ତେ ନଚିକେତା ଯମରାଜଙ୍କୁ କେଉଁ ବରରେ ପ୍ରାର୍ଥନା କରିଥିଲେ ?

(କ)  ପ୍ରଥମ

(ଖ)  ଦ୍ୱିତୀୟ

(ଗ)  ତୃତୀୟ

(ଘ)  କେଉଁଟି ନୁହଁ

୩୮.ଯମରାଜ କାହାପରି ଶିଷ୍ୟ ପାଇ ନିଜକୁ ଧନ୍ୟ ମନେ କଲେ ?

(କ)  ଧ୍ରୁବ

(ଖ)  ପ୍ରହ୍ଲାଦ

(ଗ)  ନଚିକେତା

(ଘ)  ଉପମନ୍ୟୁ

୩୯. ଯମ ନଚିକେତାଙ୍କ ଉପରେ ସନ୍ତୁଷ୍ଟ ହୋଇ କେତୋଟି ବର ମାଗିବାକୁ କହିଥିଲେ ?

(କ)  ଚାରି

(ଖ)  ପାଞ୍ଚ

(ଗ)  ତିନି

(ଘ)  ଦୁଇ

୪୦.ନଚିକେତା ପ୍ରଫୁଲ୍ଲ ଚିତ୍ତରେ କୁଆଡ଼େ ଯିବାକୁ ପ୍ରସ୍ତୁତ ହେଲେ?

(କ)  ମାତୁଳାଳୟ

(ଖ)  ଦେବାଳୟ

(ଗ)  ଯମାଳୟ

(ଘ)  ଶୋଶୁରାଳୟ